ପ୍ରମେୟ
ତାରିଖ: ୦୬.୦୬.୨୦୧୭

# ବିଆଇଆଇଟିଏମ୍‌ରେ ଏନ୍‌ଇଏନ୍‌ର ଉଦ୍ୟୋଗୀ କର୍ମଶାଳା

ଭୁବନେଶ୍ୱର,୫।୬(ବ୍ୟୁରୋ): ଇନ୍‌ଫୋସିଟି ସ୍ଥିତ ବିଜୁ ପଟ୍ଟନାୟକ ସୂଚନା ପ୍ରଯୁକ୍ତି ଓ ପରିଚାଳନା ପ୍ରତିଷ୍ଠାନ ପରିସରରେ ପାଞ୍ଚଦିନିଆ ଉଦ୍ୟୋଗୀ କର୍ମଶାଳା ଆରମ୍ଭ ହୋଇଛି । କାର୍ଯ୍ୟକ୍ରମକୁ ଆଇଇଡି ନିର୍ଦ୍ଦେଶକ ସମରେନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରି ଓଡ଼ିଶା ଉଦ୍ୟୋଗୀ ବିକାଶ କ୍ଷେତ୍ରରେ କିପରି ଆଗେଇଛି ସେ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ବିଆଇଆଇଟିଏମ୍ ଅଧ୍ୟକ୍ଷ ଡ. ପିକେ ତ୍ରିପାଠୀ ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାର୍ଥୀ କିପରି ଦକ୍ଷ ଉଦ୍ୟୋଗୀ ଭାବରେ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି କର୍ମଶାଳାରେ ୨୧ରୁ ଉର୍ଦ୍ଧ୍ୱ ବୈଷୟିକ ଏବଂ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରାୟ ୩୨ ଜଣ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ । ଶେଷଦିନରେ ଅଂଶଗ୍ରହଣ କରିଥିବା ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଏହି କର୍ମଶାଳାକୁ ଏନ୍‌ଇଏନ୍‌ର ଓଡ଼ିଶା ସଂଯୋଜକ ବରଦା ପ୍ରସାଦ ପାଣିଗ୍ରାହୀ ଓ ତାଲିମ୍ ଦେଉଥିବା ବାସନ୍ତୀ ଭେନୁଗୋପାଳ ପରିଚାଳନା କରିଥିଲେ ।